# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ



ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ | ୧ |
| ୨. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଉଦ୍ଦେଶ୍ୟ | ୨ |
| ୩. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ  କେଉଁମାନେ ସଂପୃକ୍ତି ହେବେ | ୩ |
| ୪. | ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ମାତାପିତା, ଅଭିଭାବକ ଗୋଷ୍ଠୀ ସହିତ ହେବାକୁ ଥିବା ଆଲୋଚ୍ୟ ବିଷୟବସ୍ତୁ | ୪ |
| ୫. | ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଭୂମିକା | ୫ |
| ୬. | ଶିଶୁ ବିକାଶ ଯୋଜନା ଅଧିକାରୀ (ସି.ଡି.ପି.ଓ.) ଏବଂ ପରିଦର୍ଶିକା (ସୁପରଭାଇଜର)ଙ୍କ ନିର୍ଦ୍ଧାରିତ ଇ.ସି.ସି.ଇ. ଦିନରେ ଭୂମିକା | ୬ |
| ୭. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କର ଭୂମିକା | ୬ |
| ୮. | ସ୍ଥିରୀକୃତ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ପ୍ରତ୍ୟାଶିତ ଫଳାଫଳ | ୭ |
| ୯. | ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର ପରିଦର୍ଶନ ଏବଂ ତଦାରଖ କରିବା ନିମନ୍ତେ ବ୍ୟବସ୍ଥା | ୭ |

# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ
## (Early Childhood Care and Education Day)

### ଉପକ୍ରମ

ଶିଶୁର ସାମଗ୍ରିକ ବିକାଶ ପାଇଁ ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଟିର ବିକାଶ ନିମନ୍ତେ ମାତାପିତା, ପରିବାର, ଗୋଷ୍ଠୀ ଓ ଅଙ୍ଗନୱାଡି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାରେ ମାତାପିତା, ଅଭିଭାବକ ଓ ଗୋଷ୍ଠୀର ପ୍ରମୁଖ ଭୂମିକା ରହିଅଛି । ସେଥିପାଇଁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ନିମନ୍ତେ କର୍ମଶାଳା ବା ଅଧିବେଶନ ଆୟୋଜନ କରିବା ଆବଶ୍ୟକ । ତେଣୁ ଏହାକୁ ଦୃଷ୍ଟିରେ ରଖି ଅଙ୍ଗନୱାଡି କେନ୍ଦ୍ର ସହିତ ପରିବାର ଓ ଗୋଷ୍ଠୀ ମଧ୍ୟରେ ସୁସଂପର୍କ ତଥା ଫଳପ୍ରଦ ପରିଚାଳନା ପାଇଁ ପ୍ରତିମାସରେ ନିର୍ଦ୍ଧାରିତ '୧୯ ତାରିଖ' ରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳନ କରିବାକୁ ନିଷ୍ପତି ହୋଇଅଛି । ଏହି ଦିବସରେ ଅଙ୍ଗନୱାଡି କେନ୍ଦ୍ରରେ ସମସ୍ତ ଶିଶୁଙ୍କ (୦-୬ ବର୍ଷ)ର ମାତାପିତା ଅଂଶଗ୍ରହଣ କରିବେ । ଏହି ଦିବସ ପାଳନ ମାଧ୍ୟମରେ ପିଲାମାନଙ୍କର ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଅଙ୍ଗନୱାଡି କାର୍ଯ୍ୟକ୍ରମ ସହିତ ସାମିଲ କରାଇବା ଓ ସେମାନଙ୍କ ସହିତ ଦୃଢ ସଂପର୍କ ପ୍ରତିଷ୍ଠା କରିବାର ଫଳପ୍ରଦ ଯୋଜନା ହୋଇଅଛି ।





## ସ୍ଥିରିକୃତ ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଉଦ୍ଦେଶ୍ୟ

- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଅଙ୍ଗନୱାଡି କର୍ମୀ, ମାତାପିତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଏକ ଭାବ ଆଦାନ ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିବ।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ମାତାପିତା, ଅଭିଭାବକ ଏବଂ ଗୋଷ୍ଠୀ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଏବଂ ଶୈଶବକାଳୀନ ଯତ୍ନ ଓ ଶିକ୍ଷା ପାଇଁ ଭାଗୀଦାରିତା ବଢାଇବାରେ ସହାୟକ ହେବ।
- ଏହି ଦିବସରେ ଅଙ୍ଗନୱାଡି କର୍ମୀ ଶିଶୁଙ୍କ ବୟସ ଅନୁଯାୟୀ ଶିଶୁର ବିକାଶ ଓ ଅଭିବୃଦ୍ଧି ବିଷୟରେ ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଅବଗତ କରାଇବା ସହିତ ଅଭିବୃଦ୍ଧି ଓ ବିକାଶର ମାଇଲ ଖୁଣ୍ଟ ବିଷୟରେ ଆଲୋଚନା କରିବେ। 'ମୋ ବିକାଶ ଶକ୍ତି' ମାଧ୍ୟମରେ ଶିଶୁର ବିକାଶ ମାତାପିତାଙ୍କୁ ଜଣାଇବା ।
- ଏହି ଦିବସରେ ମାତାପିତା, ଅଭିଭାବକ, ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ଶିଶୁମାନଙ୍କ ପାଇଁ ଆଦ୍ୟଶୈଶବର ବିକାଶ ନିମେନ୍ତ ଶିକ୍ଷଣ ସାମଗ୍ରୀ ଓ ଶିଶୁପ୍ରିୟ ଖେଳନା ତିଆରି କରିବେ।
- ନୂଆ ଅରୁଣିମାର ବିଭିନ୍ନ ବିଷୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା ସହିତ ଡି.ଭି.ଡି. (DVD) ପ୍ରଦର୍ଶିତ କରିବେ।
- ଅଣଆନୁଷ୍ଠାନିକ ଶିକ୍ଷା ପଦ୍ଧତି ଏବଂ ଖେଳକୁଦ ମାଧ୍ୟମରେ ଶିକ୍ଷାର ପ୍ରାଧାନ୍ୟକୁ ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଜଣାଇବେ।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରାଇବେ।
- ନୂଆ ଅରୁଣିମାର ସେହି ମାସର ବିଷୟରେ ଆଲୋଚନା କରିବେ ।

# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ କେଉଁମାନେ ସଂପୃକ୍ତି ହେବେ




୧. ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକା

୨. ସୁପରଭାଇଜର ଓ ଶିଶୁ ବିକାଶ ମଣ୍ଡଳ ଅଧିକାରୀ

୩. ୦-୬ ବର୍ଷ ମଧ୍ୟରେ ସମସ୍ତ ଶିଶୁଙ୍କ ମାତାପିତା ଓ ଅଭିଭାବକ

୪. ଗୋଷ୍ଠୀଭିତ୍ତିକ ଅନୁଷ୍ଠାନର ସଦସ୍ୟ (ଗ୍ରାମ ଶିକ୍ଷା କମିଟି, ମାତୃକମିଟି, ଯାଞ୍ଚ କମିଟି, ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା)

୫. ଆଞ୍ଚଳିକ ବେସରକାରୀ ସଂସ୍ଥାର ସଦସ୍ୟ (ଏନ୍.ଜି.ଓ.ର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯେଉଁମାନେ ଇ.ସି.ସି.ଇ. ସମ୍ବନ୍ଧୀୟ କାମ କରୁଥିବେ)

୬. ନିର୍ବାଚିତ ଲୋକ ପ୍ରତିନିଧି (ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ର ସଭ୍ୟ/ସଭ୍ୟା)

୭. ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ / ନର୍ସରୀ ବିଦ୍ୟାଳୟ ଶିକ୍ଷକ /ଅଂଚଳରେ ଥିବା ଇ.ସି.ସି.ଇ. ତାଲିମପ୍ରାପ୍ତ ବ୍ୟକ୍ତି

୮. ଜେଜେ ବାପା, ଜେଜେ ମାଆ ଓ ଗାଁର ଅନ୍ୟ ବୟସ୍କ ବ୍ୟକ୍ତି

୯. ଆଞ୍ଚଳିକ ବା ଗାଁ ସ୍ତରୀୟ କଳାକାର (ଦାସକାଠିଆ, ପାଲା, ଲୋକନୃତ୍ୟ)

୧୦. ଗ୍ରାମ ବା ଗୋଷ୍ଠୀର ମୁଖିଆ ବ୍ୟକ୍ତି ବା ପାରମ୍ପରିକ ମୁଖିଆ

୧୧. ସୁପରଭାଇଜର/ପରିଦର୍ଶିକା ଓ ଶିଶୁ ବିକାଶ ମଣ୍ଡଳ ଅଧିକାରୀ (ତ୍ରୈୟବାର୍ଷିକ ଓ ଅର୍ଦ୍ଧବାର୍ଷିକ ଦିବସ)

୧୨. ଯୁବକ ସଂଘ / ନେହେରୁ ଯୁବ କେନ୍ଦ୍ରର ପ୍ରତିନିଧି

୧୩. ସ୍ୱାସ୍ଥ୍ୟ କର୍ମୀ (ଆଶା, ମହିଳା ସ୍ୱାସ୍ଥ୍ୟ କର୍ମୀ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା)- ଅର୍ଦ୍ଧବାର୍ଷିକ ଇ.ସି.ସି.ଇ. ଦିନ

୧୪. କିଶୋରୀ ବାଳିକା

୧୫. ଅନ୍ୟ ଯେକୌଣସି ବ୍ୟକ୍ତି

## ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ମାତାପିତା, ଅଭିଭାବକ ଗୋଷ୍ଠୀ ସହିତ ହେବାକୁ ଥିବା ଆଲୋଚ୍ୟ ବିଷୟବସ୍ତୁ

**ନିମ୍ନଲିଖିତ ବିଷୟ ବସ୍ତୁଗୁଡିକ ପ୍ରତ୍ୟେକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ସମୟାନୁକ୍ରମେ ଆଲୋଚନା କରାଯିବ:**

| | |
|---|---|
| ଜାନୁୟାରୀ | ଖେଳ ଦିବସ : ଶିଶୁର ଅଭିବୃଦ୍ଧିରେ ଖେଳର ଗୁରୁତ୍ୱ ଓ ବିଭିନ୍ନ ଖେଳରେ ଅଂଶଗ୍ରହଣ |
| ଫେବୃୟାରୀ | ଆଦ୍ୟ ଶୈଶବରେ ପ୍ରାକ୍-ଉଦ୍ଦୀପନାର ଭୂମିକା (୦ ରୁ ୩ ବର୍ଷ) ଓ (୩ ରୁ ୬ ବର୍ଷ) |
| ମାର୍ଚ୍ଚ | ବାତ୍ସଲ୍ୟମେଳା: ଶିଶୁର ମା', ବାପା, ଅଭିଭାବକମାନଙ୍କ ଉପସ୍ଥିତିରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗୀତ, ନାଚ, ଗଳ୍ପ, ରଙ୍ଗ କରିବା, ଖେଳ ଓ ଅନ୍ୟାନ୍ୟ ଶିଶୁ ପ୍ରିୟ କାର୍ଯ୍ୟର ଅଭ୍ୟାସ |
| ଏପ୍ରିଲ | ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ସହଯୋଗ କରିବା, ଖାଦ୍ୟ ପ୍ରସ୍ତୁତି କରିବା ଏବଂ ବାଢିବାରେ ସାହାଯ୍ୟ କରିବା । ଆବଶ୍ୟକ ସ୍ଥଳେ ଶିଶୁମାନଙ୍କ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ କରିବାରେ ସହଯୋଗ କରିବା |
| ମଇ | ପ୍ରାକ୍ ଶୈଶବରେ ଶିଶୁର ଅଭିବୃଦ୍ଧି ବିକାଶର ମାଇଲଖୁଣ୍ଟ (ଦିବ୍ୟାଙ୍ଗ/ଭିନ୍ନକ୍ଷମ ଶିଶୁ ଚିହ୍ନଟୀକରଣ) MCPC ର ଆଲୋଚନା |
| ଜୁନ୍ | ଶିଶୁ ଖେଳନା ବ୍ୟାଙ୍କ ପ୍ରସ୍ତୁତି - ଘରେ ଥିବା ଅନାବଶ୍ୟକ ଖେଳନା (ଶିଶୁ ଖେଳିବା ଉପଯୋଗୀ) ଉପକରଣ କେନ୍ଦ୍ରକୁ ଶିଶୁ ଖେଳିବା ନିମନ୍ତେ ଦେବ । ଶିଶୁ ପାଣ୍ଠି କରିବା, ନିଜ ଅଞ୍ଚଳରେ ମିଳୁଥିବା ଜିନିଷଗୁଡିକ କେନ୍ଦ୍ରର ଶିଶୁ ଖେଳନା ପାଇଁ ଉତ୍ସର୍ଗୀକୃତ କରିବା । ନୂଆ ଅରୁଣିମାର ସିଡ଼ି ପ୍ରଦର୍ଶନ |
| ଜୁଲାଇ | ଆଦ୍ୟ ଶୈଶବ ଯତ୍ନର ଗୁରୁତ୍ୱ ଓ ମସ୍ତିଷ୍କ ବିକାଶ |
| ଅଗଷ୍ଟ | ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟର ଗୁରୁତ୍ୱ (ମାତାପିତା, ଅଭିଭାବକ ଓ ଗୋଷ୍ଠୀର ସହଯୋଗରେ ଶିଶୁପ୍ରିୟ ଖେଳନା/କଣ୍ଢେଇ ପ୍ରସ୍ତୁତ କରିବା) |
| ସେପ୍ଟେମ୍ବର | ତ୍ରୟମାସିକ ଶିଶୁ ବିକାଶ ମୂଲ୍ୟାୟନ – ମୋ ବିକାଶପତ୍ର ଆଲୋଚନା |
| ଅକ୍ଟୋବର | ଜେଜେ ମା' ଓ ଜେଜେ ବାପା ଦିବସ (ବାର୍ଷିକ ଉତ୍ସବ) |
| ନଭେମ୍ବର | ଶିଶୁ ଦିବସ ପାଳନ |
| ଡ଼ିସେମ୍ବର | ପରିଷ୍କାର ଓ ପରିଚ୍ଛନ୍ନତା ଦିବସ (ସ୍ୱଚ୍ଛ ଅଙ୍ଗନୱାଡ଼ି କେନ୍ଦ୍ର) |

* ପ୍ରତି ମାସରେ ପିଲାମାନେ ଅଭ୍ୟାସ କରୁଥିବା 'ସୁ-ଅଭ୍ୟାସ' (ନିଜେ ସାବୁନରେ ହାତ ଧୋଇ ଖାଇବା, ଶିଶୁକୁ ସ୍ୱତନ୍ତ୍ର ଗିନାରେ ଖୁଆଇବା, ଶିଶୁକୁ ଉଷୁମ ଖାଦ୍ୟ ଦେବା, ଶିଶୁ ପ୍ରତ୍ୟେକ ଦିନ ସଫାସୁତରା ପ୍ରତି ଧ୍ୟାନ ଦେବା ଇତ୍ୟାଦି) ଆଲୋଚନା ହେବ ।

* ପ୍ରତି ମାସରେ ପିଲାମାନେ କରିଥିବା ପୂର୍ବ ମାସର ଅଭ୍ୟାସ ପୁସ୍ତିକା, ପୂର୍ବ ମାସରେ ବ୍ୟବହାର କରାଯାଇଥିବା ଖେଳ ଉପକରଣ/କଣ୍ଢେଇ, ଅଭ୍ୟାସ ହୋଇଥିବା ବିଭିନ୍ନ ଖେଳ, ଗୀତ ଓ ନାଚର ପ୍ରଦର୍ଶନ ।

## ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଭୂମିକା

| ବିଷୟ /କାର୍ଯ୍ୟ | ଭୂମିକା |
|---|---|
| ଇ.ସି.ସି.ଇ. ଦିବସର ସ୍ଥାନକୁ ପ୍ରସ୍ତୁତ ରଖିବା ଏବଂ ଯଦି ଅଙ୍ଗନୱାଡି କେନ୍ଦ୍ରରେ ପର୍ଯ୍ୟାପ୍ତ ସ୍ଥାନ ନଥାଏ, ତାହାହେଲେ ନିକଟସ୍ଥ ପଞ୍ଚାୟତ ଗୃହ, ଗାଁ କୋଠଘର, ଏସ୍.ଏଚ୍.ଜି. ଘର ବା ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରିବେ । | ଅଙ୍ଗନୱାଡି କର୍ମୀ |
| ଗୃହର ଭିତର ଓ ବାହାର ପରିଷ୍କାର ରଖିବା ସହିତ ପାଇଖାନା ସଫା ରଖିବା, ପିଇବା ପାଣିର ବ୍ୟବସ୍ଥା କରିବା, ପିଲାମାନଙ୍କ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା । | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଗାଁ ଲୋକମାନଙ୍କୁ ଇ.ସି.ସି.ଇ. ଦିବସର ସ୍ଥାନ ଏବଂ ସମୟ ବିଷୟରେ ପୂର୍ବ ଦିନରୁ ଜଣାଇବା ସହିତ ଯୋଗଦେବା ପାଇଁ ପ୍ରବର୍ତ୍ତାଇବା । | ଅଙ୍ଗନୱାଡି କର୍ମୀ |
| ଗାଁରେ ଥିବା ସମସ୍ତ ୦ ରୁ ୬ ବର୍ଷ ବୟସର ପିଲାଙ୍କ ତାଲିକା ପ୍ରସ୍ତୁତ କରିବା । | ଅଙ୍ଗନୱାଡି କର୍ମୀ |
| ଇ.ସି.ସି.ଇ. ଦିବସ ପାଳନର କାର୍ଯ୍ୟସାରଣୀ ଅନୁଯାୟୀ କେଉଁ କାର୍ଯ୍ୟକ୍ରମକୁ କାହା ପରେ କରିବ ତାହା ନିର୍ଦ୍ଧାରଣ କରିବା । | ଅଙ୍ଗନୱାଡି କର୍ମୀ |
| ଆଦ୍ୟ ଶୈଶବ ଯତ୍ନ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ବ୍ୟବହାର ହେଉଥିବା ଶିଶୁ ପ୍ରିୟ ସାମଗ୍ରୀ ଯୋଗାଡ କରିବା ଓ ପ୍ରଦର୍ଶନ କରିବା । | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଜେଜେବାପା, ଜେଜେମାଆ, ମୁଖ୍ୟତଃ ଜେଜେ ମାଆମାନଙ୍କୁ ଇ.ସି.ସି.ଇ. ଦିବସରେ ଯୋଗ ଦେବା ପାଇଁ ଉତ୍ସାହିତ କରିବା । | ଅଙ୍ଗନୱାଡି କର୍ମୀ |
| ଅନ୍ୟ ଅଙ୍ଗନୱାଡି କେନ୍ଦ୍ର ବା ପ୍ରକଳ୍ପରେ ଥିବା ସୁ-ଅଭ୍ୟାସଗୁଡିକୁ ଆଲୋଚନା କରିବା । | ଅଙ୍ଗନୱାଡି କର୍ମୀ/ ସହାୟିକା |
| ସମସ୍ତ ଶିଶୁ ଓ ଜନ୍ମରୁ ୩ ବର୍ଷ ବୟସର ଶିଶୁଙ୍କର ପିତା, ମାତା ଓ ଅଭିଭାବକ ଏବଂ ଗୋଷ୍ଠୀର ଅନ୍ୟମାନଙ୍କୁ ଯୋଗଦେବା ପାଇଁ ଆମନ୍ତ୍ରଣ କରିବେ । | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଏହି ଦିବସର ବିବରଣୀ ଓ ତିଆରି ହୋଇଥିବା କଣ୍ଢେଇର ତାଲିକା ପ୍ରସ୍ତୁତ କରାଯିବ । | ଅଙ୍ଗନୱାଡି କର୍ମୀ |
| ଅଙ୍ଗନୱାଡ଼ିରେ ଶିଶୁମାନେ କରିଥିବା କାର୍ଯ୍ୟକୁ ପ୍ରଦର୍ଶନ କରିବା (ଯଥା - ଅଭ୍ୟାସ ପୁସ୍ତିକା, ଖେଳ ସାମଗ୍ରୀ ଇତ୍ୟାଦି) | ଅଙ୍ଗନୱାଡି କର୍ମୀ |

## ଶିଶୁ ବିକାଶ ଯୋଜନା ଅଧିକାର (ସି.ଡି.ପି.ଓ.) ଏବଂ ସୁପରଭାଇଜର/ ପରିଦର୍ଶିକାଙ୍କ ନିର୍ଦ୍ଧାରିତ ଇ.ସି.ସି.ଇ. ଦିନରେ ଭୂମିକା

- ସମସ୍ତ କେନ୍ଦ୍ରରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳନ ସୁନିଶ୍ଚିତ କରିବା।
- ଯଦି କୌଣସି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଛୁଟିରେ ଥିବେ, ତାହେଲେ ସେହି ଜାଗାରେ ଅଧିବେଶନକୁ ସହାୟିକା ପରିଚାଳନା କରିବା ପାଇଁ ଯୋଜନା କରିବା।
- ଠିକ୍ ସମୟରେ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପ୍ରାକ୍-ବିଦ୍ୟାଳୟ ଉପକରଣ, କାର୍ଯ୍ୟକ୍ରମ ସମ୍ବନ୍ଧିୟ ପୁସ୍ତିକାବଳୀ, ଦକ୍ଷତା ମୂଲ୍ୟାଙ୍କନ କାର୍ଡ ଇତ୍ୟାଦି ବାବଦକୁ ଯୋଗାଉଥିବା ଅର୍ଥ ପ୍ରଦାନ ଓ ଏହାର ବିନିଯୋଗ ସୁନିଶ୍ଚିତ କରିବା।
- ଆବଶ୍ୟକ ସ୍ଥଳରେ ଲୋକ ନୃତ୍ୟ କିମ୍ବା ଦୃଶ୍ୟ, ଶ୍ରବ୍ୟ ଯନ୍ତ୍ରର ଯୋଗାଣ ସମ୍ବନ୍ଧରେ ସୁନିଶ୍ଚିତ କରିବା।
- ଏତଦ୍‌ବ୍ୟତୀତ ପ୍ରତ୍ୟେକ ମାସରେ ଇ.ସି.ସି.ଇ. ଅଧିବେଶନକୁ ଯାହା ଆଲୋଚନା ହେଉଛି ଏବଂ ପ୍ରଦର୍ଶିତ ହେଉଛି ସେହି ସବୁ ବିଷୟରେ ସବିଶେଷ ଆଲୋଚନା କରିବା। ବୈଠକରେ ଅଙ୍ଗନୱାଡି କେନ୍ଦ୍ରସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଆଲୋଚନା କରାଯିବ।

## ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କର ଭୂମିକା

ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଗୋଟିଏ ଗୋଷ୍ଠୀ ସହଯୋଗୀ ଭିତ୍ତିକ କାର୍ଯ୍ୟକ୍ରମ ହୋଇ ଥିବାରୁ ପ୍ରତ୍ୟେକ ଅଧିବେଶନକୁ (ପ୍ରତି ମାସରେ) ସରପଞ୍ଚ ଓ ପଞ୍ଚାୟତ ସଭ୍ୟ/ସଭ୍ୟାଙ୍କ ଉପସ୍ଥିତି ଓ ସହଯୋଗ ନିହାତି ଆବଶ୍ୟକ।

- ଅଧିବେଶନଟି କେଉଁ ସ୍ଥାନରେ କରାଯିବ ତାହା ସୁନିଶ୍ଚିତ କରାଇବା ଏବଂ ତତ୍‌ସହିତ ପାନୀୟ ଜଳ, ବସିବା ସ୍ଥାନ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅଙ୍ଗନୱାଡି କର୍ମୀ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରିବେ।
- ଗ୍ରାମରେ ଶିଶୁମାନଙ୍କର ସଠିକ୍ ବୃଦ୍ଧି ଓ ବିକାଶ ବିଷୟରେ ଆଲୋଚନା କରିବା ସହିତ ଆବଶ୍ୟକ ସହାୟତା ପ୍ରଦାନ କରିବେ।

## ସ୍ଥିରୀକୃତ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ପ୍ରତ୍ୟାଶିତ ଫଳାଫଳ

ସ୍ଥିରୀକୃତ ମାସିକ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ନିୟମିତ ଭାବେ ନିୟମାବଳୀ ଅନୁସାରେ ପାଳନ କରାଗଲେ ନିମ୍ନୋକ୍ତ ଫଳାଫଳ ହାସଲ କରାଯାଇ ପାରିବ।

- ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁମାନଙ୍କର ପଞ୍ଜିକରଣ।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଗୁରୁତ୍ୱ ବାବଦରେ ଗୋଷ୍ଠୀକୁ ଜଣାଇବା ଓ ସେମାନଙ୍କର ସହଯୋଗ ସୁନିଶ୍ଚିତ କରିବା।
- ସ୍ଥାନୀୟ ବା ସେହି ଅଞ୍ଚଳରେ ମିଳୁଥିବା ଶିଶୁ ପ୍ରିୟ ଖେଳନା, ଗୀତ, ଗପ ଇତ୍ୟାଦିର ବ୍ୟବହାର ବିଷୟରେ ସଚେତନ କରାଇବା।
- ଶିଶୁମାନଙ୍କର ଦକ୍ଷତା ବୃଦ୍ଧି ବିଷୟରେ ସୂଚନା ଦେବା ନିମନ୍ତେ ଶିଶୁ ବିକାଶ ମୂଲ୍ୟାଙ୍କନ କାର୍ଡ ଏବଂ ଅଭ୍ୟାସ ପୁସ୍ତିକାକୁ ଅଭିଭାବକମାନଙ୍କ ପାଖରେ ପ୍ରଦର୍ଶିତ କରିବା।
- ନିଜ ଅଞ୍ଚଳର ଶିଳ୍ପୀମାନଙ୍କୁ ଡାକି ତାଙ୍କ ଦ୍ୱାରା ବିନା ମୂଲ୍ୟରେ ଏବଂ କମ୍ ମୂଲ୍ୟରେ ମିଳୁଥିବା ବିଭିନ୍ନ ସାମଗ୍ରୀରେ ଶିକ୍ଷଣ ସାମଗ୍ରୀ ଏବଂ  ଶିଶୁ ପ୍ରିୟ ଖେଳନା ପ୍ରସ୍ତୁତ କରାଇବା।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଦିବସରେ ମାତାପିତା, ଅଭିଭାବକ, ଗୋଷ୍ଠୀ, ଯାଞ୍ଚ କମିଟି, ମାତୃ କମିଟିର ଅଂଶଗ୍ରହଣକୁ ବୃଦ୍ଧି ନିମନ୍ତେ ଉତ୍ସାହିତ କରିବା।
- ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କର ଉପସ୍ଥିତି ବଢାଇବା।
- ଦିବ୍ୟାଙ୍ଗ ଶିଶୁଙ୍କୁ ଏହି ଦିବସରେ ସାମିଲ କରିବା।
- ପିଲାମାନଙ୍କ ପାଇଁ ସୁସ୍ଥ ବା ଭଲ ଅଭ୍ୟାସ ଆପଣେଇବାର ଆବଶ୍ୟକତାକୁ ବୁଝିବା।
- ବିଭିନ୍ନ ସ୍ଥିରୀକୃତ ଦିବସ ପାଳନ କରିବା।
- ଗୋଷ୍ଠୀ ସହଯୋଗରେ ବିଭିନ୍ନ ଶିଶୁ ପ୍ରଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ସହ ଅଙ୍ଗନୱାଡି କେନ୍ଦ୍ରରେ 'ଖେଳନା ବ୍ୟାଙ୍କ' ତିଆରି ନିଶ୍ଚିତ କରିବା।
- ନୂଆ ଅରୁଣିମାର ସମସ୍ତ କାର୍ଯ୍ୟକ୍ରମଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କ ସହଯୋଗ ନେବା।
- ମାତାପିତା, ଅଭିଭାବକ ଓ ଗୋଷ୍ଠୀ ଶିଶୁଙ୍କର ବୃଦ୍ଧି ଓ ବିକାଶର ଗୁରୁତ୍ୱ ବୁଝିବା।

## ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର୍ ପରିଦର୍ଶନ ଏବଂ ତଦାରଖ କରିବା ନିମନ୍ତେ ବ୍ୟବସ୍ଥା

ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର ଗୁରୁତ୍ୱକୁ ଆଖିରେ ରଖି ସମନ୍ୱିତ ଶିଶୁ ବିକାଶ ବିଭାଗର ରାଜ୍ୟ, ଜିଲ୍ଲା, ପ୍ରକଳ୍ପ ଓ ଅଙ୍ଗନୱାଡି ସେକ୍ଟର ସ୍ତରୀୟ ବୈଠକରେ କାର୍ଯ୍ୟକ୍ରମ ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ସମୀକ୍ଷା ଓ ତଦାରଖ ବିଷୟରେ ଅନୁଧ୍ୟାନ କରାଯିବ। ଅଙ୍ଗନୱାଡି କେନ୍ଦ୍ର ସ୍ତରୀୟ ତଦାରଖ ଏବଂ ସହଯୋଗ କମିଟି ବୈଠକ ସ୍ତରରେ ମଧ୍ୟ ସମୀକ୍ଷା କରାଯିବ।





ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର